# ହୁଅ ସଚେତନ

(ବେତାର କେନ୍ଦ୍ର ଭବାନୀପାଟଣାରୁ ପ୍ରସାରିତ)

ଲେଖକ- **ଲବଣେଶ୍ୱର ବାରିକ**

ଗ୍ରାମ- **କାଶୀପଲ୍ଲୀ, ଖଡ଼ିଆଳ**

ସୌଜନ୍ୟ-

ଚଲେଚଲୋ, ଖଡ଼ିଆଳ

# ପ୍ରଦୂଷଣରୁ ରକ୍ଷା

ରସରକେଲିବୋ ... ...

ପଥ୍ ଘରେ ଝାଡ଼ାବାନ୍ତି ମିଛୁ ଘରେ କର ।
ବଣେଜାର ଅଁଠା ଦୁଃଖା ଦେଖ ହରବର
ସାଧୁର ପିଲା ଆଁଖ ହଲଦିଆ ସତେକେଁ ଖେଳାଲୁ ତୋଦର— ରସ

ରସରକେଲିରେବୋ — —

ଗାଁ ଘାକ ରୋଗେ ଦୁଃଖେ ଘାଟିସାଟି ହୋଇ
କାରଘଟେ ଶରଦା ଗିରଦା ହସଖୁସି ନାଇଁ — ରସ
ତାହାର ଚରକ ବହାଚରନ ସତେକେଁ ନାଚଗୀତ ନାଇଁ — ରସ

ରସରକେଲିରେବୋ— —

ବମାର ଛାଡ଼ିବା ଲାଗି ଗୁନିଆଁ ଦୁଆର
ଠେଲଭଙ୍ଗା କେତେ କଥା କରୁଛେ ପ୍ରଚାର
ସବୁ କଥା ଛାଡ଼ିକରି ସୁଜନେ, କର ଡାକ୍ତର — ରସ

ରସରକେଲିରେବୋ — —

ମେଲେରିଆ ଜ୍ୱରହେଲେ ରକତ ଦେଖାଅ
ଝାଡ଼ାବାନ୍ତି ହେଲେ ଲେମ୍ବୁଁ ଚିନି ପାନି ପିଅ
ଆଖି ପିଶାବ ହଳଦିଆ ହେଲେ ସତେକେଁ ଅସପତାଲ ଯାଅ— ରସ

ରସରକେଲିରେବୋ — —

ଜଳକୁଆ ବନ୍ଧଘାଟ ସଫା ସୁତରା କର
ଘରର ଯେତେ ଜଟଳ ଖଡଗଡା କର
ବାଟେଘାଟେ ହଗାମୁତା ନାଇଁ କରଲେ ସତେକେଁ ରୋଗ ହେବା ଦୂର — ରସ

କଣ୍ଠ- କୌସ୍ତୁଭ ନାଗ

# ମେଲେରିଆ ଜର

ବରଷା ମାସରେ ଜାଣ, ନାଗରରେ ୨ଥର
ଜର ଝାଡାବାନ୍ତ ହୁଅଇ ଶୁଣ,
ସତେ ନାଗରରେ, ଆଗୁ ହୁଅ ସାବଧାନ ।।୧।।

ଅବହେଳା ହେଲେ ତୁମ୍ଭ, ନାଗରରେ ୨,
ଏନୋଫିଲିସ ମଶା କାମୁଡ଼ି ଥାଇ,
ସତେ ନାଗରରେ, ମେଲେରିଆ ଜର ହୋଇ ।।୨।।

ହାତ ଗୋଡ଼ ବଥାଇବ; ନାଗରରେ ୨
ବାନ୍ତ ହୋଇ ଶୀତ କମ୍ପାଇ ଦେବ ।
ସତେ ନାଗରରେ, ରୋଗୀମୁଣ୍ଡ ବୁଲାଇବ ।।୩।।

ଏପରି ଲକ୍ଷଣ ହେଲେ ନାଗରରେ ୨,
ରକତ ପରୀକ୍ଷା କରାଇ ଭଲେ,
କ୍ଲୋରୋକୁଇନ ନେଲେ ।।୪।।

ଆଗୁ ଚିକିତ୍ସା ନ କଲେ ନାଗରରେ ୨,
ମସ୍ତିଷ୍କରେ ମେଲେରିଆ ହୋଇଲେ,
ରୋଗୀ ଯିବ ଯମ ଆଲେ ।।୫।।

ମଶାରି ଟାଣି ଶୋଇବ, ନାଗରରେ ୨,
ପାଣି ଜମୁଥିଲେ ନଗାଡ଼ି ଦେବ,
ଘରେ ଡି.ଡି.ଟି. ଶିଞ୍ଚିବ ।୬।

ଡାକ୍ତରଖାନା ନ ଗଲେ ନାଗରରେ ୨,
ପ୍ରାଣ ନାଶହେବ ଜାଣିଥା ଭଲେ,
କଥାକୁ ରଖ ମନରେ ।।୭।।

କବି - ତପସ୍ୱିନୀ ନାଗ

# ଗଛ ଲଗାଇବା

ଜାଇଫୁଲରେ — ଆସିଲା ଗ୍ରୀଷ୍ମକାଳ, ୨ଥର
ଚଲ ଚଲ ଶୀଘ୍ର ଖୋଳିବା ଖାଲ
ସତେ ଜାଇଫୁଲ ବନ୍ଧିଯାଉ ଦେଖନ୍ତୁ ଖାଲ ॥୧॥
ଜାଇଫୁଲରେ — ଆଗରୁ ଗାତ ଖୋଳିଲେ,
ଗଛ ଲଗାଇବା ବର୍ଷା ଆସିଲେ
ସତେ ଯାଇଫୁଲ — ଗଛ ବଢ଼ିବ ଭଲେ ॥୨॥
ଜାଇଫୁଲରେ — ଜଙ୍ଗଲକୁ ନଷ୍ଟକଲୁ, ୨ଥର
ଗଛଲତା କାଟି ପଦା କରିଲୁ
ସତେ ଜାଇଫୁଲ — ନୂଆଗଛ ନ ରୋପିଲୁ ॥୩॥
ଜାଇଫୁଲରେ — ଜନସଂଖ୍ୟା ବଢୁଥିଲେ, ୨ଥର
ପଡଆରେ ଗଛ ଲଗାଇ ଦେଲେ
ସତେ ଜାଇଫୁଲ — ଶୁଦ୍ଧ ଅମ୍ଳଜାନ ମିଳେ ॥୪॥
ଜାଇଫୁଲରେ — ବରଷା ହୋଇବ ଜାଣ
ବ୍ୟବହାର୍ଯ୍ୟ କାଠ ପାଇବା ପୁଣ
ସତେ ଜାଇଫୁଲ — ନ ହୋଇବା ହଇରାଣ ॥୫॥
ଜାଇଫୁଲରେ — ଆସ ସର୍ବେ ମିଳିମିଶି,
ଗଛ ଲଗାଇବା ହୋଇଣ ଖୁସି
ସତେ ଜାଇଫୁଲ ମରୁଡ଼ି ପଳାଏ ରୁଷି ॥୬॥
ଜାଇଫୁଲରେ — ପ୍ରଦୂଷଣ ରକ୍ଷା ପାଇଁ ୨ଥର
ସରକାରଙ୍କୁ ଦୋଷଦିଅ କାହିଁ
ସତେ ଜାଇଫୁଲ — ହଅ ସେ ଗଛଲଗାଇ ॥୭॥

କଣ୍ଠ- ବେବି ରାଉତ

**ଏକତା ଶକ୍ତି** କଣ୍ଠ- ବୈଷ୍ଣବ ନାଗ

ଡାଲଖାଇରେ — ଗୋଟି ଗୋଟି ପତ୍ର ଗଛେ କଅଁଳ,
ଶାଗୁଆ କରିଛେ ହୋଇଣ ମେଳ
ଛୋଟ ଛୋଟ ଇଟା ଘର ଗଢିଲ,
ଟୋପି ଟୋପି ପାଣି ସମୁଦ୍ର ହେଲ
ଢେର ଢେର ଖୋଟେ ହାଣ୍ଡ ବାନ୍ଧିଲ,
ଏକତା ହେବାରୁ ସମ୍ଭବ ହେଲା
ନ ହେବା ହେଲ ସମ୍ଭବ ହେଲକେଁ — ଡାଲଖାଇରେ —
ଡାଲଖାଇରେ — ଦେଶବାସୀ ମିଶି ଏକତା ହୋଇ,
ଗୋରା ଲୋକଙ୍କୁ ଯେ ଦେଲୁ ଭଗାଇ ।
ଆମର ଶାସନ ଆମେ କରିଲୁ , ପାଞ୍ଚ ବରଷର ନେତା ବାଛିଲୁ
ଦେଶର ଗଣତନ୍ତ୍ର ବଢ଼ାଇ ଦେଲୁ , ଭୋଟହେବା ହାଗ ସବୁ ଭୁଲିଲୁକେଁ..
ପାଶୋରି ଗଲୁ , ସବୁ ଭୁଲିଲୁକେଁ —
ଡାଲଖାଇରେ — ଭୋଟପାଇଁ ନେତା ହୋଇଲେ ଠିଆ
ବାପ, ପୁଅ, ଭାଇଭାଇ ଝିଅ ।
ଭୋଟହେବା ଲାଗି କଳି ପଶିଲ, ଗ୍ରାମର ଘରର ଏକତା ଗଲା
ଲାଭ ମାରିନେଲେ ସବୁ ଖରୁଆ ଧନୀ ଘର ପୁଅ ହେଲେ ହଳିଆ
ବଳେ ମୂଲିଆ, ହେଲେ ହଳିଆ କେ — —
ଡାଲଖାଇରେ ଫେସନ ବ୍ୟସନ ବଢିଗଲାଲ, ସଭ୍ୟତା ସଂସ୍କୃତି ଛାଡ଼ିହେଲେ
ସ୍ୱାର୍ଥ ମିଥ୍ୟା ଈର୍ଷା ପଦବୀ ଲୋଭ, ଧନ ପରଶ୍ରମେ ଖୋଜନ୍ତି ଲାଭ
ଟି. ଭି ରେ ଅଶ୍ଳୀଳ ପ୍ରଚାର ହେଲ, ଝିଅବୋହୂଙ୍କର ଇଜତ ଗଲା
ମହତ ଗଲା ଇଜତ୍ ଗଲାକେଁ — ଡାଲଖାଇରେ ।
ଡାଲଖାଇରେ - ଅନ୍ୟାୟ ଅନୀତି ଦେଶେ ପଶିଲା, ସଭିଙ୍କ ଏକତା ଭଙ୍ଗାଇଲେ
ଗାଁରେ ଘରରେ ଏକତା ନାହିଁ କିପରି ଆଦର୍ଶ ହୋଇବା ଭାଇ
ଦେଶ ମଙ୍ଗଳରେ ନିଜରହୋଇ, ଏକତାକୁ କେବେ ଭୁଲିବ ନାହିଁ
ପିଲା ଆଗେଇ ଭୁଲିବା ନାହିଁ କେଁ ଡାଲଖାଇରେ —

## ବୃକ୍ଷ ହିଁ ଜୀବନ

ଶୁଣ ବାଳକେ ଦେଇ ମନ । ଗୁପତ କଥା ବୃକ୍ଷ ଜ୍ଞାନ ॥୧॥
ମାନବେ ସ୍ୱାର୍ଥପର ହେଲେ । ଗଛ ବାଉଁଶ କାଟିଦେଲେ ॥୨॥
ଜଙ୍ଗଲ ଫଦା ହୋଇଗଲା । ପାହାଡ ଟାଙ୍ଗରା ଦିଶିଲା ॥୩॥
ଔଷଧ ଗଛ ଲୋପହେଲା । ଲୋକଙ୍କୁ ବେମାର ଗ୍ରାସିଲା ॥୪॥
ଅମଳ ଧାନ ନ ମିଳିଲା । ପୃଥିବୀ ପ୍ରଦୋଷିତ ହେଲା ॥୫।
ଘର କରଣା ଜାଳ କାଠ । ନ ମିଳେ ଯେବେ କଲେ କଷ୍ଟ ॥୬॥
ଫଳ ଫୁଲ ପତର ଆଦି । ପଶୁ ପକ୍ଷୀ ଶରୀଶୃପାଦି ॥୭॥
ସମସ୍ତେ ଦୂରେଇଗଲେ । ମେଘ ଯେ ଆଡ଼ ମୁହଁ କଲେ ॥୮॥
ଧରଣୀ ଶସ୍ୟ ହୀନ ହୋଇ । ମରୁଡ଼ି ସଦା ଲଗିଥାଇ ॥୯॥
ବରଷା କଟର ହୋଇବ । ବୃକ୍ଷଲତା ଯଦି ନଥିବ ॥୧୦॥
ଆମେ ସଭିଏ ଏକେ ଏକେ । ଲଗାଇଦେବା ଗଛ ଥୋକେ ॥୧୧॥
ଯେତେ ପିଲାଙ୍କୁ ସେତେ ଗଛ । ଏକଥା କେବେ ନୁହେଁ ମିଛ ।୧୨॥
ଧରାରେ ବରଷିବ ଜଳ । ତୃଷାରେ ନହେବା ଆକୁଳ ॥୧୩॥
ଜଗତ ଜନଙ୍କ ଜୀବନ । ବୃକ୍ଷ ଅଟଇ ଶିଶୁ ଗଣ ॥୧୪॥
ଗଛ ଗୋଟିଏ ଲଗାଇଣ । ନିଜର ଜନ୍ମ କର ଧନ୍ୟ ॥୧୫॥

କଣ୍ଠ- ହେମ ପ୍ରତାପ ଚନ୍ଦନ

# ଏଡ୍ସ ନିରାକରଣ

ପରିବାର ଛାଡ଼ିଦେଲହେ, ପେଟପାଇଁ ଦିଲ୍ଲୀ ଗଲ
ବହୁଦିନଧରି ଶ୍ରମ କରିଲ ହେ, ପାଶୋରି ଯାଇ, ଟଙ୍କା ପଇସା ରଖିଲ ॥୧॥

ପଇସା ଲୋଭରେ ପଡିହେ, ରହିଲ ଦିଲ୍ଲୀରେ ଜଡ
ପରିବାର ମାୟାମନରୁ ଛାଡ଼ିହେ, ସ୍ତିରୀ ପିଲାଙ୍କ ସ୍ନେହଭୁଲିଗଲ ଜଡ॥୨॥

ଅପୂଧରି ନ ପାରିଲ ହେ, କାମ ଶକ୍ତି ଜାତ କଲ
ପରଦାର କରି ସବୁ ହାରିଲହେ କ୍ଷୀଣହୋଇଣ, ଏଡ୍ସ ଧରି ଆସିଲ ॥୩॥

ପରପିରତି କରିଲେ, ଏଡ୍ସ ହୁଅଇ ଭଲେ
ରୋଗୀଙ୍କୁ ଅଖୋଡ଼ି ରକତ ଦେଲେହେ ଶୁଣମୋ ବାଣୀ,
ଏ ରୋଗ ଗ୍ରାସଇ ଭଲେ ॥୪॥

ବିଦେଶ ଯିବାର ପାଇଁହେ ତୁମକୁ ଯେ ମନା ନାହିଁ
ସଂଯମିତହୋଇ ରହିବ ଯାଇହେ ସୁଜ୍ଞାନୀ ଜନ, ଏଡ୍ସର ଭୟ ନାହିଁ ॥୫॥

କଣ୍ଠ ତପସ୍ୱିନୀ ନାଗ

# ଗ୍ରାମର ବ୍ୟବସ୍ଥା

ରସରକେଲି — —
ଗୋଟିଏ ଗାଁର କଥା ଶୁଣ ସୁଜ୍ଞଜନ,
ଗୃହବାସ ବ୍ୟବସାୟୁ ପାଠରେ ବଦ୍ଧ୍ୟାନ
ଇସ୍କୁଲ ଗୋଟିଟାଙ୍କ ସତକେଁ ମଢର ସମାନ
ରସଗୃଲଯା (ଘୋଷା) ॥୧॥

ଯାଗୃଲଯା ଧିରେ ସତେକେଁ ଦେଖି ଆସ ଥରେ — —
ରସରକେଲି — —
ଇସ୍କୁଲେ ପିଲାଛୁଆ ପାଠଯେ ପଢ଼ିଲେ,
ଅଫିସର ବାବୁ ହୋଇ ବିଦେଶକୁ ଗଲେ
ଗାଁର ଉନ୍ନତି କଥା ସତେକେଁ ମନୁ ଭୁଲିଗଲେ — ରସ — ॥୨॥

ରସରକେଲି — —
ଗାଁ ପଞ୍ଚମାନଙ୍କରେ ଇସ୍କୁଲ ହୋଇଲା,
ପିଲାଛୁଆଙ୍କୁ ଅଣ୍ଡା କଦେଲ ମିଳିଲା
ଭାତଡାଲି ବହି ଖାତା ସତେକେଁ ଡ୍ରେସ ମିଳିଲା ରସ— ॥୩॥

ରସରକେଲି —
ସରକାରଙ୍କ ନୂଆନୀତି ବଦଳିଲା
ମାଷ୍ଟର ମୁଣ୍ଡେ ସବୁ ବୋଝ ଲଦିଦେଲା
ଘରଦ୍ୱାର କିଛି ନାହିଁ ସତେକେଁ ପାଠଯେ ନୋହିଲା — ରସ । ୪॥

ରସରକେଲି —
ମାଷ୍ଟର ମାନଙ୍କୁ ଯେ ଭଲ ଠିକାଦାର
ଭାତ ଡାଲି ରନ୍ଧାବଢ଼ା ହେଲେ ହରବର
ଘୋଟର ତାଲିକା ଲେଖା ସତେକେଁ ଅଣ୍ଡା ଆଣିବାର ରସ — ॥୫॥

ଭସରକେଲ —
ପଢ଼ିବାକୁ ପିଲାଙ୍କୁ ଆ କେତେ ଯେ ଆସିଲେ
ପିଲାଜାଣି ମାସ୍ଟର କମ୍ ପଢ଼ାଗ
ପାଠ ପଢ଼ା ଅବହେଲା ସଭେକେଁ ଲୋକେ ଚିନ୍ତାକଲେ — ଭସ — ||

ରସରକେଲ —
ବଦେଶରେ ଥିବା ଲୋକେ ଶୁଣିଲେ ଖବର
ବନେ ପଢ଼ାପାଇଁ ସଭେ କରିଲେ ବିଚ୍ଚର
ଗୁହାରି କରିଲେ ଯାଇ ସଭେକେଁ ଶୁଣିଲେ ସର୍କାର - ଭସ ... ||୭|

ରସରକେଲ ...
କୋଠାଘର ପାଇଖାନା ମାଷ୍ଟର ମିଲଲା
ଭତ ଡାଲି ସନ୍ଧିଆକୁ ଗୁରୁପଢେ ଦେଲା
ଭଲକରି ପଢ଼ାହେଲା ସଭେକେଁ ଗାଁ ବଦଲିଲା — ||୮||

ଭସରକେଲ —
ଆସଆମେ ମିଶିଭିର ଏକତା ହୋଇଣ
ସରକାରୀ ଯୋଜନାକେ କରବା ପୂରଣ
ଏନ୍ତାହେଲେ ଗାଁ ହସବା ସଭେକେଁ ଆଗେଇବା ଜାଣ ଭସ — ||୯|

କଣ୍ଠ- ତପସ୍ୱିନୀ ନାଗ

## ଯଉତୁକ ସଜା

ଶୁଣ ବନ୍ଧୁଜନ ଯୌତୁକ ପୁରାଣ, କାପରି ଗ୍ରାସିତ କରୁଛି
ଶୋଚଷ ସଂସ୍କାର, ହୋଇଗଲା ଦୂର, ଯଉତୁକ ଦାବି ବଢୁଛି
ସ୍ୱଜନେ, ପୁଅ ବିକା କିଣା ହେଉଛି
ମଦ ମାଂସ ନଗ୍ନ ନାଚ, ଭେଜଲାଇଟ ସଂଗେ ବ୍ୟାଣ୍ଡ ବାଜା ବଜୁଛି ।୧।।
ନିଜ ଅପମାନ ଦେଇଣ ସମ୍ମାନ, ବର ବାପ କରେ ସଉଦା
ଟଙ୍କା ସୁନା ଗାଡ଼ି, ହାର ମୁଦି ଘଡ଼ି, ବାଟି ଟେରଗ୍ଡର ସୁବିଧା
ବନ୍ଧୁହେ, ପୁଅ ମୋର ଉଚ୍ଚ ଶିକ୍ଷିତ
ଖଟ ଆଲମାରି କୁଲର ହିଟର, ଘର ଜେନୀର ସହିତ ।୨।।
କହେ ଝିଅ ପିତା, ଶୁଣହେତ ଚିନ୍ତା, ଦାବି ତାଲିକା ନଶୁଣାଅ
ଝିଅ ଚରିତ୍ରକୁ କିଛି ନ ପଚାର, ଯୌତୁକ ତାଲିକା ଦେଖାଅ
ବନ୍ଧୁହେ ଆଦର୍ଶ ବିବାହ କରିବା
ତେବେ ଯିନା ଆମେ ସଭିଙ୍କ ଆଗରେ, ମୁହଁକୁ ଦେଖାଇ ପାରିବା ।।୩।।
ଛେଳି ମେଣ୍ଢା ଗୋରୁ ବିକ୍ରୟ ହୁଅଇ, ଶିକ୍ଷିତଙ୍କ କିବା ହୁଅଇ
ଝିଅର ଚଳଣି ଦେଖିଥାଏ ବାପା, ବିଧିର ବିଧାନ ଅଟଇ
ବନ୍ଧୁହେ ପୁଅର ସମ୍ମାନ ରଖିବ
ଗୁଣବନ୍ତ ଝିଅ ଶିକ୍ଷିତ ପୁଅକୁ, ନିଶ୍ଚୟ ହିଁ ଦାନ କରିବ ।।୪।।
ଦୁଇ ବନ୍ଧୁଙ୍କର କଥା ବାର୍ତ୍ତା ଶୁଣି, ଅତି ଦୁଃଖେ ଝିଅ କହଇ
ମୋତେ ନ ନେଇଣ ଦାବି ଜିନିଷକୁ, ପୁଅସହ ଦିଅ ବାନ୍ଧଇ
ମୋହର ସେ ବର ଦରକାର ନାହିଁ
ଯୌତୁକ ଲୋଭୀଟି ଶିଶୁପାଳ ପରି ଆମ ଘରୁ ଯାଉ ପଳାଇ ।।୫।।

କଣ୍ଠ- ବନ୍ଦନା ଚଲନ

## ଯଉତୁକେ ଷତି

ରସରକେଲିରେ —

ରସ — — ବାବୁ ହେଲେ ହସ ଖୁସି ଫଟକା ବାଜୁଛେ
ଟୁକେଲ ହେଲେ ବୁଆମାର ହୃଦୟ ଫାଟୁଛେ
କେନ୍ତାକର ବଢ଼ାକରମି ବଲିକରୁ, ସୁଜନେ, ଚିନ୍ତାରେ ଝୁରୁଛେ ରସ

ରସ — — କଣା ଛୁଟା ମୂର୍ଖ ହେଲେ, ପିଲା ହେଲେ ହେଲ
ଯେତେ ଗୁନ୍ ଚଲନ ଥିଲେ, ଝିଅ ଜନମ ଗଲ
ଯଉତୁକ ଦାଉଠାନେ, ଭଲମନ୍ଦ, ସୁଜନେ ଆଖିନେଇଁ ଦେଖଲ ରସ —।

ରସ —— ପିଲ ଠାନେ ରୂପ ଗୁଣ ଯଶ କିଛୁ ନାହିଁ
ଟୁକେଲ ଗୁଟେ ବିଭାହେଲେ, ଧନ ମିଳିବଇଁ
ଫଟଫଟି ଘଡ଼ି ଟି.ଭି. ସୁନା ରୂପା ସୁଜନେ ଟଙ୍କା ଆଦି ପାଇ ରସ —।

ରସ — ଯଉତୁକ ଲୋଭେ ପଡ଼ି ଗୁଡ଼ି ଗୁଣ ବନ୍ଧ
କାଲି ହୁଣ୍ଡି ସଂଗେ ଚଳେମ କଇଲ ପିଭଣି
ଚମଇ ଘରେ ଶନି ପଶିଲା ସୁଜନେ ମନେ ଥାଅ ଚିନ୍ତ ରସ — ।।୪।।

କଣ୍ଠ- ତପସ୍ୱିନୀ ନାଗ

# ଆମ ଅଧିକାର

ଜାଇଫୁଲରେ ଆରେ ଜାଇଫୁଲ — —

ଆମ ଘର ଜେମା ଭୁଲେ ଚିଣ୍ଠା ଟେକିବାକୁ ବାହାର ହେଲେ

ଘରଲୋକ ମିଶି ମନା କରିଲେ, କାମ ମାଗିବା ବୋଇଲେ

ଗାଁ ର କଥାକୁ ମାନ ଭଙ୍ଗିଲେ, ସତେ— ଟଙ୍କୀସଭରେ କହିଲେ ॥୧॥

ଜାଇଫୁଲରେ ଆରେଜାଇଫୁଲ —

ସରକାର ଦେଲ କାମ, ମାଟି ବୁହାରେ ଝାଲ ଘମ୍ ଘମ୍

ପଇସା ଦେବାକୁ କଲେ ବଲମ, ଭାବିଲେ ମୂଳିଆ ସମ

ଗରିବ ବର୍ଗର ଲୁଚେ ଶୋଇଲା, ସତେ— ବି ଡ଼ି ଓ. କହୁନଥିଲ ।୨॥

ଜାଇଫୁଲରେ ଆରେଜାଇଫୁଲ —

ଅଭିଯୋଗ ହେଲ ସାର, ବି. ଡ଼ି. ଓ. ନଜାଣେ ମୂଲ୍ୟ ଶ୍ରମର

ଭରସା କଲୁ ଆରଟି ଆଇର, ଏହା ଆମ ଅଧିକାର

ଆପତ୍ତି ଶୁଣିଲେ କଲେକଟର, ସତେ— ମିଳିଲ ଟଙ୍କା ଆମର ।।୩।।

ଜାଇଫୁଲରେ ଆରେ ଜାଇଫୁଲ —

ଆରଟି ଆଇର କଥା, କାମର ହିସାବ ଭୁଲ୍ ଜାଣିଥା

ଆମ ଅଧିକାର ଶୁଣ ଏ କଥା, ଠିକା ଲୋକ ହିନସ୍ତା

ଠିକା ମାନଙ୍କର ନଇଁଲ ମଥା, ସତେ— ସରକାର କଲେ ବ୍ୟବସ୍ଥା ।।୪।।

ଜାଇଫୁଲରେ ଆରେ ଜାଇଫୁଲ —

ଆରଟି ଆଇ ଜାଣିଲୁ, ଆମ ଅଧିକାର ଆମେ ପାଇଲୁ

ଦୁଇ ନମ୍ବର କାମ ବନ୍ଦ କଲୁ, ଠିକା ମାନଙ୍କୁ ଧରିଲୁ

ଅନ୍ଧି ସେ ଚହଲ ଘକାଇଦେଲୁ, ସତେ — ଗାଁ ଇଜତ ରଖିଲୁ ।।୫।।

କଣ୍ଠ- ବନ୍ଦନା ଚଲନ

# ବାଳ ଶ୍ରମିକ

ଜାଇଫୁଲରେ —

ପରିଶ୍ରମ କର ଭାଇ ୨, ତେବେ ସିନା ଭୋକ ଯିବ ପଳାଇ

ପରିବାର ସୁଖେରହୁ

କାମ ଧନ୍ଦା କଲେ ଭଲ ୨, ଘର ଚଳଣିରେ ହେବ ସ୍ୱଚ୍ଛଳ

ଭିକ ମାଗିବା ଗରଳ

ଜାଇଫୁଲରେ —

ପୂର୍ବରୁ ଚଉଦ ବରଷ ୨, ଶ୍ରମିକ ହୋଇବା ଅଟଇ ଦୋଷ

କରଅ ବିଦ୍ୟା ଅଭ୍ୟାସ

ଜାଇଫୁଲରେ —

ପୁଅ ଝିଅ ମାନଙ୍କର ୨, ପାଠ ପଢାରେ ଅଛି ଅଧିକାର

ବାଳ ଶ୍ରମିକ ନକର

ଜାଇଫୁଲରେ —

ବାଳ ଶ୍ରମିକ ରଖିଲେ ୨, ଜେଲ୍ ଜରିମାନା ହୋଇବ ଭଲେ

ଦଣ୍ଡ ପାଇବ ଠକିଲେ

ଜାଇଫୁଲରେ —

ଭବିଷ୍ୟତ ଚିନ୍ତା କର ୨, ପାଠ ପଢ଼ାଇଣ କର ସାକ୍ଷର

ପରେ ଧନ୍ଦା କର ପାର

କଣ୍ଠ- ବୈଷ୍ଣବ ନାଗ

## ନାରୀ ସଜାଗ

ସାବିତ୍ରୀ ଖନା ସବିତା ଗୋ ଅହଲ୍ୟା ଗାର୍ଗୀ କୋଇଲା
ଲୋମସା ଲକ୍ଷ୍ମୀବାଈ ମହାଲସା ଗୋ ଦେବୀ ସ୍ୱରୂପା
ପୂର୍ବର ଯେତେ ବନିତା ॥ ୧ ॥

ମହା ପୂଜନୀୟା ହୋଇ ଗୋ ଗଲେ ଆଦର୍ଶ ଦେଖାଇ
ତାଙ୍କ ଆଦର୍ଶେ ଚଳନ୍ତି ଯେହ୍ନି ଗୋ ଦେବୀ ସ୍ୱରୂପା
ପୂଜା ପାଉଛନ୍ତି ସେହ୍ନି ॥୨॥

ସୂର୍ପଣଖା ନାରୀ ଥିଲା ଗୋ ଘରର ବଂଶ ନାଶିଲା
ସ୍ତନ ମଧ୍ୟେ ବିଷ ଭରି ପୁତନା ଗୋ ଦେବୀ ସ୍ୱରୂପା
ନିଜ ପ୍ରାଣ ହରାଇଲା ॥୩॥

ଭଲମନ୍ଦ ଏହି ଦୁଇ ଗୋ ବେଦେ ଅଛନ୍ତି ଭିଆଇ
ଯେଉଁ ପଥେ ଯିଏ ଚଳିବ ରହି ଗୋ ଦେବୀ ସ୍ୱରୂପା
ସେହିପରି ହୋଇ ଯାଇ ॥୪॥

ନାରୀ ଶକ୍ତି ଠୁଳ କର ଗୋ ସଂସ୍କୃତିକୁ ରକ୍ଷା କରି
ରନ୍ଧା ଘର ମଧ୍ୟେ ପରଦା କୋଣେ ଗୋ ଦେବୀ ସ୍ୱରୂପା
ଜର କଂପା କାରବାର ॥୫॥

କଣ୍ଠ- ରେଖା ମଣ୍ଡଳ

# ଆଦର୍ଶ ନାରୀ

ଭାରତ ସଂସ୍କୃତି ଜାଣନ୍ତେ, ନାରୀ ଅଟଇ ମହାନ
ପୂଜନୀୟା ଭବେ ସେ, ଅଗ୍ରଗଣ୍ୟ ଯେ ଆଦର୍ଶ ସ୍ଥାନ
ପାଇ ଅଛୁ ସବୁ ଦିନ ।।୧।।
ସ୍ତ୍ରୀମାନ ନୁହେଁ ସେହି ଯେ ପୁରୁଷର ଦାସୀ ହୋଇ
ପରିବାର ସେବା କରିବା ପାଇଁ ସେ ଜନମି ନାହିଁ
ଘରକୁ ଦେବ ସଜାଇ ।
ପରାଶ୍ରିତ ଦାସୀ ନୁହେଁ ଯେ, ଘରପାଇଁ ମନ୍ତ୍ରୀସିଏ
ଘରର ଉନ୍ନତି କରିବା ପାଇଁ ସେ ଜାଣେ ଉପାୟ
ଘରକୁ ଚଳାଇ ନିଏ ।।୩।।
ଯଜ୍ଞାଦି ଶୁଭ କାମରେ ସେ ରହିଣ ସ୍ୱାମୀ ସଂଗରେ
ପୁଣ୍ୟଦାନ କଲେ ମଙ୍ଗଳ କରଯେ ସଫଳ ହୋଇ
ମନରେ ଏହା ବିଚାର ।।୪।।
ଶାସିତା ନୁହଇ ନାରୀ ଯେ କ୍ରୀତଦାସୀ ସମ ସଭ
ଲକ୍ଷ୍ମୀ ସରସ୍ୱତି ଦୁର୍ଗାଙ୍କ ପରି ଯେ ପୂଜା ପାଇବ
ଶକ୍ତି ନିତି ଗୁଣ ଧରି ।।୫।।
ଏତେ ଗୁଣଧରି ସିଏ ଯେ କ ପାଇଁ କାହାଁରେ ଭିଏଁ
ଯଉଭୁକ ଲୋଭ ପୁରୁଷ ନୁହେଁ ସେ କାଳ ବୋଲିଣ
ଆଦର୍ଶ ପଥ ଦେଖାଏ ।

କଣ୍ଠ- ବୈଷ୍ଣବ ନାଗ

## ବାଲ୍ୟ ବିବାହରେ କ୍ଷତି

ସ୍ତ୍ରୀ- ଝିଅକୁ ହୋଇଲା ଆସି ଚଉଦ ବରଷ
ବରଟିଏ ନ ଖୋଜୁଛ ଭାବୁଅଛ କିସ କଥା ଶୁଣହେ
ବିବାହ ଯେ କରିଦେବା ଜାଣ ହେ ॥୧॥

ପୁରୁଷ- ଝିଅଯେ ମୋହର କଅଁଳ ବୟସରେ ଅଛି
କିପରି ବିବାହ ଦେବି ଭାବି ନ ପାରୁଛି ନୁହେଁ ଶୋଭା ଗୋ
ଚଉଦ ବରଷେ ଦେବା ବିଭା ଗୋ ॥୨॥

ସ୍ତ୍ରୀ- ରଜବତୀ ହେଲେ ଝିଅ ହୋଇଲା ବୟସ
ମହାଜନ ପୁଅ ଗୋଟି କରି ଆସ
ଧନ ଘରେ ହେ
ଝିଅ ମୋ ରହିବ ଆନନ୍ଦରେ ହେ ॥୩॥

ପୁ- ବାଳୁତ ବୟସେ ଯଦି ସନ୍ତାନ ଜନ୍ମିବ
ଝିଅକୁ ମୋହର ନିଶ୍ଚେ ରୋଗ ଆକ୍ରମିବ, ରକ୍ତହୀନ ଯେ
ଶେଷରେ ମରିବ ଝିଅ ଜାଣ ଗୋ ॥୪॥

ସ୍ତ୍ରୀ- ପିଲାଛୁଆ ଜନ୍ମକଲେ ନାରୀ ନ ମରଇ
ଭାଗ୍ୟରେ ଯାହାର ଧାତା ଲେଖିଣ ଅଛଇ
ମରିବାର ହେ, ଦଇବର ଅଟେ ଅଧିକାର ॥୫॥

ପୁ- ମାଆ ଓ ସନ୍ତାନ ଦୁହେଁ ଦୁର୍ବଳ ହୋଇବେ
ଦୁଃଖ କଷ୍ଟ ନାନା ରୋଗ ଯାତନା ଭୋଗିବେ,
ବାଲ୍ୟ ବିବାହ ଗୋ, ସମାଜରେ ଦଣ୍ଡିତ ହୋଇବା ଗୋ ।୬।

ସ୍ତ୍ରୀ ରୋଗ ବିମାରିରୁ ବଞ୍ଚି ନିୟମ ମାନିବା
ସରକାର ସମାଜରେ ଦଣ୍ଡିତ ନ ହେବା
ସ୍ୱାସ୍ଥ୍ୟ ପାଇଁ ହେ ଝିଅକୁ ମୋ ବାହାଦେବି ନାହିଁ ।।୭।।

ପୁ- ସରକାର ସମାଜର ନିୟମ ମାନିବା
ଝିଅକୁ କୋଡ଼ିଏ ହେଲେ ବର ଯେ ଖୋଜିବା ପଚିଶର ଯେ
ବର ସଂଗେ ବିବାହ ହେବାର ଯେ ।୮।।

କଣ୍ଠ- ତପସ୍ୱିନୀ ନାଗ



# ନାରୀ ଜାଗରଣ

କଳର ବିନାଶ ତୋଳଣ କହନ୍ତି ମଦ ଜୁଆ ପରଦାସ
ଏମାନେ ସମାଜରେ ବସବାସ କଲେ ପରିବାର ସବୁ ଭାଙ୍ଗେ ଜନେ
ପୁଅ ଝିଅ ମଦୁଆ ନ ଚିହ୍ନେ ହେ ଜୁଆମାନ ସମ୍ମାନ ନଜାଣେ ହେ
ପରଦାସ ଏଡ଼ସ୍ ଆସେ ॥୧॥

ଜୁଆ ମଦଦ୍ୱାରା ଗ୍ରାମନାଶ ହେଲା, ଦେଖିଲେ ମହିଳା ଗଣ
ମଦକୋଠି ଜୁଆଖେଳ ବିରୁଦ୍ଧରେ ହୋଇଗଲେ ସଚେତନ ହେ ଶୁଣ
ଗ୍ରାମ ମହିଳା ଚିନ୍ତି ଧ୍ୟାନ ହେ ଏସ ଏଚ ଜି ହେଲା ଗଠନ ହେ
ଛାତ୍ର ଛାତ୍ରୀ କଲେ ସଂଗଠନ ॥୨॥

ଛାତ୍ର ଛାତ୍ରୀ ଶିକ୍ଷକ ମହିଳା ସଂଗଠନ ଓ ଶିକ୍ଷିତ ମିଶି
ମଦକୋଠି ଓ ଜୁଆ ସଟ୍ଟ ଖେଳ ଆଡ୍ଡା କୁ ଦେଲେ ବିନାଶିଯେ ନାଶି
ଜୁଆ ଖେଳାଳିଙ୍କ ଚୁଟି ଧରିଯେ, ମଦୁଆଙ୍କୁ ବୋତଲରେ ମାରି ଯେ
ନିଜ ଗ୍ରାମକୁ କଲେ ସୁଧାର ଯେ ନାରୀ ॥୩॥

ମଦୁଆ ଜୁଆଡ଼ି ସନ୍ଧି ନପାଇ ପ୍ରତିଶୋଧ ଭାବ ନେଇଁ
ମହିଳା ଓ ଶିଶୁମାନଙ୍କ ଉପରେ ଗାଳି ମାଡ଼ ଆଦି ଦେଉଛେ ରାଗେ
ଖଚ କରନ୍ତି ଲୋକଙ୍କ ଆଗେ ଯେ ତାଙ୍କ କଥା କେଉଁଠି ନଲଗେ ଯେ
ଯିଏ ଶୁଣେ ସିଏ ଦାନ୍ତ ଭାଙ୍ଗେ ଯେ ରାଗେ ॥୪॥

ମାତୃଶକ୍ତି ବିଦ୍ୟାଶକ୍ତି ମିଶିକରି ଦୁର୍ନୀତିକୁ ହଟାଇଲେ
ଏକତା ହେବାରୁ ସମସ୍ତ ନାରୀଙ୍କୁ ଜନସହଯୋଗ ମିଳେ ହେ ଭାଇ
ମଦ ଜୁଆ ଗଲାଣି ପଳାଇ ହେ ନାରୀ ଜାଗରଣେ ସବୁ ହୋଇ ହେ
ଦୁର୍ଗା ଦିଅନ୍ତୁ ଶକ୍ତି ଯୋଗାଇ ହେ ଭାଇ ॥୫॥

କଣ୍ଠ- ବନ୍ଦନା ଚଲନ

# କନ୍ୟା ଭୃଣର ଭାବନା

ମାତୃଗର୍ଭ ମଧ୍ୟେ ଥାଇ ଭ୍ରୁଣ ଆଶାକରେ,
ମରତ ମଣ୍ଡଳେ ଗଲେ ଆନନ୍ଦେ ବିହରେ
ଗଢ଼ି ନୂତନ ସଂସାର,
ପିତା ମାତା ସାଙ୍ଗ ସାଥି ବନ୍ଧୁ ପରିବାର ।।୧।।
ସମସ୍ତେ ମୋହର ଅତି ଆପଣାର ହେବେ,
ମୋହର ଜନମ ଦେଖି ଖୁସି ମନାଇବେ ।
ନାଚ ଗୀତ ବାଦ୍ୟ ଭେଷ,
ଷଠୀ ଘର ଏକୋଇଶିଆ ଯାଗଯଜ୍ଞ କରି ।।୨।।
ଝିଅ ଜନ୍ମ ହେଲେ ଲକ୍ଷ୍ମୀ ଆସିଗଲା ବୋଲି,
ଆନନ୍ଦରେ ମଜ୍ଜି ଯାଇ ଦେବେ ହୁଳହୁଳି ।
ସର୍ବେ ଆନନ୍ଦ ହୋଇବେ,
କୋଳ କାଖ କରି ମୋତେ ମୁଣ୍ଡରେ ବୋହିବେ । ୩
ଏହି ଭାବ ଭାବି ଭ୍ରୂଣ ଆନନ୍ଦିତ ହୋଇ,
ଗର୍ଭ ମଧ୍ୟେ ସୁଖକରେ ରହେ ଭାବ ଗାହି
ମାତା କଥାକୁ ଶୁଣିଲା,
ପିତାଙ୍କୁ କହନ୍ତି ମୋର ଗର୍ଭବାସ ହେଲା ।।୪।।
ପିତା କହେ ଚାଲଦେବୀ ଡାକ୍ତରଖାନାକୁ,
ଯନ୍ତ୍ର ମଧ୍ୟେ ଦେଖିନେବା ପୁଅ ବା ଝିଅକୁ
ଗର୍ଭେ ପୁଅ ଥିଲେ ଭଲ,
ଝିଅ ଥିଲେ ନଷ୍ଟକରି କରାଇବା ଫାଳ ।୫।।

ପିତା ମାତା କଥା ହେବା ପଡ଼ିଲା କାନରେ,
ସ୍ତବ୍ଧ ହୋଇ ଗଲା ଶିଶୁ ଗରଭ ମଧ୍ୟରେ
କଣ୍ଠା କରି ହେବ ମୁହିଁ,
ବଡ଼ ଆଶ୍ଚର୍ଯ୍ୟର କଥା ବୁଝି ନ ପାଇଇ ।।୨।।

ଏତେବେଳେ ପିତା ମାତା ଡାକ୍ତର ଖାନାରେ,
ପ୍ରବେଶ ହୋଇଲେ ଯାଇ ହର୍ଷ ବିଷାଦରେ
ଦେଖିଡ଼ାକ୍ତର କହି,
ଝିଅ ଭ୍ରୂଣ ଅଛି ଜାଣ କହିଦେଲ ମୁହିଁ ।।୨।।

ଡ଼ାକ୍ତର ବାଣି ଶୁଣି ପିତାମାତା କହି,
ଭ୍ରୂଣହତ୍ୟା କର ଝିଅ ଦରକାର ନାହିଁ
ଝିଅବୋଝ ଆମପାଇଁ,
ଯଉତୁକ ପ୍ରସାଧନ ଆମପାଶେ ନାହିଁ ।।୮।।

ଭ୍ରୂଣର ଜୀବନା ପ୍ରାଣଚ୍ଛେଦ ହୋଇଗଲା,
ପୁଅ ଝିଅ ଭେଦ ଭାବ କାହୁଁ ଜାତହେଲା
ବଂଶ କପର ରହିବ,
ଏକା ପୁଅ ସୃଷ୍ଟି ରକ୍ଷା କରକ ପାରିବ ।।୯।।

କଣ୍ଠ- ବୈଷ୍ଣବ ନାଗ

( ୨୦ )

## ଆଗେଇ ଆସ

ହତାଶକପାଇଁ ଭଉଣୀଭାଇ,
ଆଖିଖୋଲି ଦେଖ ଥରେ ଅନାଇଁ
କଞ୍ଚାମାଲମାନ ଅଛି ଅପାର,
ନାନା ଜାତି ଦ୍ରବ୍ୟ ହେବ ତିଆର ଯେ
ଅଭାବ ହୋଇବ ଦୂରଯେ,
ଦାରିଦ୍ର୍ୟତା ଭିକ୍ଷା, ନିରକ୍ଷର ଦୂରକରିବା ମିଶି ଏଥରଯେ ।୧।
ଗ୍ରାମେ ଗ୍ରାମେ ଶିକ୍ଷାକେନ୍ଦ୍ର ଖୋଲିଇ,
ଅଜ୍ଞାନ ଅନ୍ଧାର ଦେବା ଲିଭାଇ
ପାଠ ପଢ଼ିଲେ ସମ୍ବିଧାନ ଜାଣି,
ଏକତା ଅଖଣ୍ଡ ଦେଶରେ ଆଣିଯେ
ଗୋଷ୍ଠି ପ୍ରଥାକୁ ନ ମାନ ଯେ,
କୃଷି କାରିଗର ଶ୍ରମିକ ମିଶିଣ ଦେଶକୁ ଆଗେଇ ଆଣି ଯେ ।୨।
ବରଷା ଆଗରୁ ଗାତ ଖୋଳିଇ,
ଜାତି ଜାତି ବୃକ୍ଷ ଦେବା ଲଗାଇ
ଫଳ ଫୁଲ ପତ୍ର କାଠ ପାଇବା,
ମୃତ୍ତିକା କ୍ଷୟକୁ ରକ୍ଷା କରିବା ଯେ
ବନ ବରଷାକୁ ପାଇ ଯେ,
ପାଣିବରଷିଲେ ବନ୍ଧ ଶସ୍ୟହେଲେ ବାଣ୍ଟିବା ଆନନ୍ଦ ହୋଇଯେ ।୩।
ନୂତନ ଧରଣ ଯନ୍ତ୍ର ତିଆର,
ଉନ୍ନତ ବଦ୍ଧନ କରି ବାହାର
କୁଟିର ଶିଳ୍ପର ଧନ୍ଦା ଅନେକ,
କରି ପାରିଲେ ଦୂରହେବ ଶୋକ ଯେ
ପରାଶ୍ରିତ ନ ହୋଇଣ ଯେ,
ସ୍ୱାବଲମ୍ବନଶୀଳ ହୋଇବା ସକଳେ ରଖିବା ଦେଶରମାନଯେ ।୪।

କଣ୍ଠ- ହେମପ୍ରତାପ ଚଲନ

## କୃଷି ପାଇଁ

ଆଗକାଳ ଲୋକ ଥିଲେ ଫୁଲ କଉଲ ବେଣୀ
ବହୁଜମି ରଖି ମିଳିମିଶିକରି, ନାନା କୃଷିକରୁଥିଲେ ଲୋ— ।।୧।।

ମୁରବି କଥାକୁ ମାନଲେ ଯୁ — —
ଘରଲୋକ ମିଶି କାମ କରୁଥିଲେ, ସ୍ନେହ ଶ୍ରଦ୍ଧା ଭାବ ସେବା ଲୋ ।।୨।।

ଛେଳିଲଣ୍ଡି ଗାଈଖତ ଲୋ —
ଜମିରେ ଦେଇଣ ନଳିତା ବୁଣିଣ, ପାଇ ଫସଲ ବହୁତ ଲୋ··· ।୩।।

ପରିବାର ବଢ଼ି ଗଲାଲେ —
ଖେତ ଘରବାରି ଭାଗବଣ୍ଟା ହେଲା, ପ୍ରେମଭାବ ଭାଙ୍ଗି ଗଲାଲେ ।୪।

ଲୋକ ସଂଖ୍ୟା ବଢ଼ି ଗଲା ଲୋ ···
ଖାଇବା ପିନ୍ଧିବା ଅଭାବ ହୋଇଲା, ଥିବା ଜମି କମିଗଲା ଲୋ। ।୫।

ସୁଷମ ଖାଦ୍ୟ ନ ପାଇଲେ —
ପୁଷ୍ଟିହୀନ ହୋଇ ଶିଶୁ ସଙ୍ଗେ ମାଆ, ଅକାଳ ମରଣ ହୋଇଲେ। ।୬।

ରସାୟନିକ ଖତକୁ ଲୋ। —
ପ୍ରୟୋଗ କରିବା ପାଇଁ କ ଲାଗିଲୁ, ବାଢ଼ିଲୁ ଜମିଶକ୍ତିକୁ ଲୋ- ।୮।

କୃତ୍ରିମ ସାରର ଗୁଣ ଲୋ। —
ଜମିକୁ ଉର୍ବର କରିପାରେ ନାହିଁ, ଏକଥା ଅଟେ ପ୍ରମାଣ ଲୋ। — ।୯।

ଶଙ୍କର ଜାତିୟ ବୀଜ ଲୋ। —
ଦ୍ୱିତୀୟ ବରଷେ ଗଜା ନ ହୁଅଇ, ଏକଥା ମନରେ ହେଜ ଲୋ- ।୧୦।

ଆଗପରି କୃଷକରଲୋ। —
ଖତସାରଦେଇ କୋଷ କୋଡ଼ା କଲେ, ପାଇଫସଲ ଅପାରଲୋ। ।୧୧।

କଣ୍ଠ- ଲୋକ ସଙ୍ଗୀତ